# କାନନ ମିଶ୍ର ସ୍ମୃତି - ପୃଷ୍ଠା



"ସମାଧିରେ ମୋର ଫୁଲ ଦେବନାହିଁ ଦେବନି ଗଜରାହାର
ପଥର ଦେହରେ ଘିଅ ଦୀପଜାଳି ଢାଳିବନି ଲୁହଧାର
ମରଣଶୀଳ ଏ ମାଟିରେ ମରଣ ପାରିବନି ମତେ ଛୁଇଁ
ମୋ ହାତର ଲେଖା କବିତା ଭିତରେ ବଞ୍ଚି ରହିବି ମୁହିଁ ।"

କାନନ ମିଶ୍ର ସ୍ମୃତିଲେଖ-

# ସୁଲେଖିକା କାନନ ମିଶ୍ର

**ଶଙ୍କର୍ଷଣ ପଣ୍ଡା**

କାନନ ମିଶ୍ରଙ୍କ ସହିତ ମୋର ପରିଚୟ ହୁଏ ୨୦୦୦ମସିହାରେ । ମୁଁ ଓଡ଼ିଆ ସାହିତ୍ୟର ଜଣେ ନିଷ୍ଠାପର ପ୍ରେମୀ ହିସାବରେ ନିଜେ ଗୋଟିଏ ପତ୍ରିକା ପ୍ରକାଶ ଓ ସଂପାଦନା କରିବାକୁ ମନସ୍ଥ କଲି । ଏହା ପୂର୍ବରୁ ମୁଁ ବନ୍ଧୁ ଯୁଧିଷ୍ଠିର ପାଣିଙ୍କ 'ବନଫୁଲ' ପତ୍ରିକାର ସଂପାଦନା ଦାୟିତ୍ୱରେ ପ୍ରାୟ ୬ ମାସ ଥିଲି । ତେବେ ତା ଛଡ଼ା ମୁଁ ବହୁ ପୂର୍ବରୁ ଲେଖାଲେଖି ସହିତ ସଂପୃକ୍ତ ଥିବାରୁ ମତେ ସେ ପରିବେଶ କିଛି ଅଡୁଆ ଲାଗି ନ ଥିଲା ।

ସମସ୍ତ ମାନସିକ ପ୍ରସ୍ତୁତି ପରେ ମୁଁ କେତୋଟି ସାହିତ୍ୟ ପତ୍ରିକାରୁ କେତେଜଣ ଲେଖକ/ଲେଖିକାଙ୍କର ଠିକଣା ସଂଗ୍ରହକରି ପୋଷ୍ଟକାର୍ଡ଼ ଚିଠିରେ ଲେଖା ପଠାଇବା ପାଇଁ ଅନୁରୋଧ କରିଥିଲି । ପ୍ରଥମେ ମୋ ଲେଖାର ପ୍ରତ୍ୟୁତ୍ତର ଦେଲେ ପ୍ରଫେସର ଡ. ଅଭିନ୍ନ ସାହୁ ଏବଂ ୨ୟ ବ୍ୟକ୍ତି ଥିଲେ କାନନ ମିଶ୍ର ଯେ କି ଟେଲିଫୋନ୍‌ରେ ମୋ ସହିତ ବାର୍ତ୍ତାଳାପ କରିଥିଲେ । ଏହା ପରେ ମୋ ମନରୁ ସନ୍ଦେହ ଦୂରହେଲା ଯେ କାନନ ମିଶ୍ର ଜଣେ ମହିଳା । କାରଣ ସେ କେଉଁଠି ହେଲେ 'ଶ୍ରୀମତୀ' ଲେଖନ୍ତି ନାହିଁ । କିମ୍ବା ଠିକଣାରେ ମାର୍ଫତ୍ ଲେଖନ୍ତି ନାହିଁ । ତା'ଛଡ଼ା ମୋର ଜଣେ ସହପାଠୀଙ୍କ ନାମ ଥିଲା କାନନ ମିଶ୍ର ଏବଂ ସେ ଥିଲା ଗୋଟିଏ ବାଳକ ।

ପରିଚୟ ପରେ ସେ ତାଙ୍କର ଶେଷ ନିଃଶ୍ୱାସ ଯାଏ ମୋ ପତ୍ରିକା 'ଚିରସମର୍ଥା' ସହିତ ସଂପୃକ୍ତ ଥିଲେ । ପ୍ରତି ସଂଖ୍ୟାକୁ ଲେଖାଦେବା ସଙ୍ଗେସଙ୍ଗେ ପତ୍ରିକା ସଂପର୍କରେ ଖବର ରଖନ୍ତି । ମୁଁ ତାଙ୍କର ପ୍ରାୟ ସମସ୍ତ ବହି ପଢ଼ିଛି । ତାଙ୍କର ଗଳ୍ପ ରଚନାଶୈଳୀ ଅତ୍ୟନ୍ତ ସରଳ ଓ ସାବଲୀଳ, ଚରିତ୍ରମାନେ ଜୀବନ୍ତ । ତାଙ୍କର ଗଳ୍ପରେ ସେ ପ୍ରାୟତଃ ପ୍ରଥମ ପୁରୁଷରେ 'ମୁଁ' ରେ ଲେଖନ୍ତି । ତାଙ୍କର ଅଧିକାଂଶ ଗଳ୍ପରେ ତାଙ୍କର ସଂପୃକ୍ତି ଦେଖିଲେ ଜଣାପଡ଼େ ଯେ ସେ ତାଙ୍କ ଘରେ ଥିବା ଭଡ଼ାଟିଆ, କାମବାଲୀ, ବନ୍ଧୁବାନ୍ଧବମାନଙ୍କୁ ଉପଜୀବ୍ୟ କରି କାହାଣୀମାନ ସୃଷ୍ଟି କରନ୍ତି । ତେଣୁ ତାଙ୍କର କଥନଶୈଳୀ ସମେତ ପାତ୍ରପାତ୍ରୀଙ୍କର ଭାଷା/ଆଳାପରେ ଖୁବ୍ ଆନ୍ତରିକତା ଜଣାପଡ଼େ ।

ତାଙ୍କର କବିତାର ଛନ୍ଦ ଅନବଦ୍ୟ । ଏଥିପାଇଁ ମୋ ମତରେ ତାଙ୍କର ଗଦ୍ୟମାନ କବିତା ଛଳଛଳ ଏବଂ କବିତାର ଭାଷା, ଛନ୍ଦ ଭାବ ଅକଳନୀୟ ଭାବରେ ମନୋମୁଗ୍ଧକାରୀ । ତାଙ୍କ ପରିବାର ସହିତ ମୋର ବ୍ୟକ୍ତିଗତ ସଂପର୍କ ସ୍ଥାପିତ ହୋଇଥିଲା । ତାଙ୍କ ହିସାବରେ ମୁଁ କଲିକତାରେ ନ ପଢ଼ି ଯଦି ସେତେବେଳେର ରେଭେନ୍‌ସା କଲେଜରେ ପଢୁଥାନ୍ତି, ତେବେ ମୁଁ ତାଙ୍କର ଗୋଟିଏ ବ୍ୟାଚ ଉପର ଛାତ୍ର ହୋଇଥାନ୍ତି । ଆମେ ପାରିବାରିକ କଥାବାର୍ତ୍ତା ସମେତ ସାହିତ୍ୟ ଓ କେତେକ ସାହିତ୍ୟିକ-ସ୍ରଷ୍ଟାଙ୍କ ଉପରେ ମଧ୍ୟ ଆଲୋଚନା କରିଥାଉ । ସେ ମୋ ବ୍ୟଙ୍ଗରଚନାର ଜଣେ ମୁଗ୍ଧ ପାଠିକା ଥିଲେ ।

ବ୍ୟଙ୍ଗ ଗଳ୍ପଟିଏ ଲେଖା ସରିବାମାତ୍ରେ ପ୍ରଥମେ ସେ ଶୁଣନ୍ତି । ହସିହସି ଗଡ଼ିଯାଆନ୍ତି । ମୁଁ ତାଙ୍କର ଫଟୋଟି ଦେଖି ତାଙ୍କ ନାଁ ଦେଇ ଗୋଟିଏ ବ୍ୟଙ୍ଗ ଗଳ୍ପ ଲେଖିଥିଲି । ସେହି ଗଳ୍ପଟି ମୁଁ ପ୍ରଥମ କରି ମିଶ୍ର ଦମ୍ପତିଙ୍କ ଆଗରେ ପଢ଼ିବାବେଳେ ହସିହସି ବେଦମ ହୋଇ କାନନ କହିଲେ - ଭଉଣୀଙ୍କୁ ବୁଢ଼ୀ ବୋଲି ଲେଖିଲେ ? ମାତ୍ର ବିନୟ ବାବୁ(ତାଙ୍କ ସ୍ୱାମୀ) ଗପଟିକୁ ଖୁବ୍ ପ୍ରଶଂସା କରି କହିଲେ - ତମକୁ ତ ସେ ବୁଢ଼ୀ ବୋଲି କେଉଁଠି କହିନାହାନ୍ତି । ମାତ୍ର ଗପର ପ୍ରୟୋଜନୀୟତାର ଦୃଷ୍ଟିରୁ 'ପାତ୍ର' ମୁହଁରେ କୁହାଇଛନ୍ତି । ମୋ ଗଳ୍ପରେ ଶେଷରେ ଥିଲା - ସୁନ୍ଦର କବିତା ପଢ଼ି ଓ ସୁନ୍ଦର ଫଟୋଟିଏ ଦେଖି କେତେଜଣ 'ଉଣ୍ଡା' ପାଠକ ଲେଖିକାଙ୍କ ଠିକଣା ଖୋଜି ଖୋଜି ତାଙ୍କ ଘରେ ପହଞ୍ଚିଛନ୍ତି । ତାଙ୍କର କଳ୍ପନାରେ ଥିବା ସୁନ୍ଦରୀ ଯୁବତୀ କାନନ ମିଶ୍ରଙ୍କ ପରିବର୍ତ୍ତେ ଜଣେ ଉତ୍ତର - ସତୁରୀ ବୟସ୍କା ବୃଦ୍ଧାଙ୍କୁ କାନନ ମିଶ୍ର ଜାଣି ସେ ସେ ସ୍ଥାନ ଶୀଘ୍ର ପରିତ୍ୟାଗ କରିଛନ୍ତି । ରାସ୍ତାରେ ତାଙ୍କର ଆଉ ଜଣେ ବନ୍ଧୁ ପଚାରିଲେ 'ଆରେ କାନନ ମିଶ୍ରଙ୍କ ଘର ପାଇଲୁ ?' ତହୁଁ ସେ ଯୁବକଟି ଉତ୍ତର ଦେଉଛି - "ଆଜି ବେଳଟା ମୋର ବେକାର ଗଲା - ଛିଃ, ବୁଢ଼ୀଟା ।"

କାନନ ମୋର ଶ୍ରଦ୍ଧେୟା ସାନ ଭଉଣୀଟିଏ ଥିଲେ । ଆମଘରକୁ ଆସିଲେ ମୋ ପତ୍ନୀଙ୍କ ସହିତ ଘଣ୍ଟା ଘଣ୍ଟା ଗପ କରନ୍ତି । ମତେ କହନ୍ତି - 'ଆପଣ ଶ୍ରୀହରୀ ପଣ୍ଡା ଭଳି ପତ୍ନୀଟିଏ ପାଇ ଖୁବ୍ ଭାଗ୍ୟବାନ୍ ଓ ସୁଖୀ । ମୁଁ କହେ - "କାହିଁକି ମୋ ଭଉଣୀକୁ ପାଇ ବିନୟ ବାବୁ କ'ଣ ଭାଗ୍ୟବାନ୍ ଓ ସୁଖୀ ନୁହନ୍ତି କି ?।" ହାସ୍ୟରୋଳରେ ଆମର କଥୋପକଥନ ସରେ ।

ସେ ଆଜି ସ୍ୱଦେହରେ ତିରୋହିତା ହେଲେ ହେଁ ମୋ ଅନ୍ତରରେ ଚିରଞ୍ଜିବୀ, ପୂଜ୍ୟା, ନମସ୍ୟା ।